# ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ କୋପନା ଗ୍ରାମବାସୀ



ନବରଙ୍ଗପୁର,୩।୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧିନସ୍ଥ କୋପେନ ଗ୍ରାମରେ ଅଣହିନ୍ଦୁ ମାନଙ୍କ ଚଞ୍ଚକତାପୂର୍ଣ କାରବାର ବା ଧର୍ମାନ୍ତରଣ, ଅବୈଧ ଭାବରେ ସରକାରୀ ଜାଗା ଦଖଲ, ସାମାଜିକ ବାତାବରଣକୁ ଦୂଷିତ କରିବା, ଭାଇଚାରା ନଷ୍ଟ କରିବା, ବିଦ୍ୟାର୍ଥୀମାନଙ୍କୁ କୁଶିକ୍ଷା ଦେବା ଆଦି ଅଭିଯୋଗ କରି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି। ଦୀର୍ଘ ଦିନ ଧରି ଶୃଙ୍ଖଳିତ ଭାବେ ବସବାସ କରୁଥିବା କୋପେନା ଗ୍ରାମବାସୀଙ୍କ ମେଳରେ ଧନ ସାନ୍ତା ଓ ଭଗବାନ ସାନ୍ତା ନାମକ ଦୁଇ ଜଣ ଭିନ୍ନ ଧର୍ମୀ ଛୋଟ ଶିଶୁଙ୍କୁ ଶିକ୍ଷାଦାନ କରିବା ନାଁରେ ଗ୍ରାମବାସୀଙ୍କୁ ଟିକିଏ ଜାଗା ମାଗିଥିଲେ। ପରେ ଖାତା ନଂ -୩୮/୩,ପ୍ଲଟ-୨୩୯ ସରକାରୀ ଜାଗାରେ ଘର ତିଆରି କରି ପାଠ ପଢ଼ାଇବା ବଦଳରେ ଅଣ ହିନ୍ଦୁଙ୍କ ଧର୍ମ ବିଷୟରେ ଶିକ୍ଷା ଦାନ କରିଥିଲେ ଏବଂ ହିନ୍ଦୁ ଦେବାଦେବୀଙ୍କ ବିରୋଧରେ ବିଷୋଦଗାର କରିଥିଲେ। ଏହା ସହ ତିରିଶ ସାନ୍ତା ପରିବାରକୁ ବେନିୟମ ଭାବରେ ଧର୍ମାନ୍ତରିତ କରିଥିଲେ। ଏ ସମସ୍ତ କାର୍ଯ୍ୟ କଳାପ ସହ ଅତି ଉଚ୍ଚ ସ୍ୱରରେ ମାଇକ୍ ବଜାଇ ଚାଲିଲେ, ଯାହା ନିକଟସ୍ଥ ସରକାରୀ ଛାତ୍ରାବାସରେ ବିଦ୍ୟାର୍ଥୀମାନଙ୍କୁ ଅଧ୍ୟୟନରେ ଭୀଷଣ ଅସୁବିଧା ସୃଷ୍ଟି କରିଥିଲା। ଏହି ଘଟଣା ହିନ୍ଦୁ ଓ ଅଣ ହିନ୍ଦୁ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଉଭୟ ପକ୍ଷ ବସି ଆପୋଷ ବୁଝାମଣା କରିଥିଲେ ଏବଂ ଗ୍ରାମଦେବତୀଙ୍କ ପୀଠରେ ଚର୍ଚ୍ଚ ପରିଚାଳନା ବନ୍ଦ ନିଷ୍ପତ୍ତି ହୋଇଥିଲା। ପରେ କିନ୍ତୁ ସେମାନେ ଥାନାକୁ ଯାଇ ଦଖଲ ଯାଗାରେ ପ୍ରାର୍ଥନା କରିବାକୁ ଚାପ ପ୍ରୟୋଗ କରିଥିଲେ। ଥାନା ସାମୟିକ ଭାବେ ପ୍ରାର୍ଥନାକୁ ପ୍ରଶ୍ରୟ ଦେଇଥିଲେ। ଏ ସମସ୍ତ ସମସ୍ୟା ଆଧାରରେ ଗ୍ରାମବାସୀ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟିଥିଲେ। ଜିଲ୍ଲାପାଳ ସମସ୍ତ ବିଷୟ ଅବଗତ ହେଲାପରେ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଥିଲେ। ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସ୍ପଷ୍ଟ କରିଥିଲେ ବୋଲି ସୂଚନା ଦେଇଛନ୍ତି ରତନ ଗଣ୍ଡ। ଏହି ଲିଖିତ ଅଭିଯୋଗ ଦେଇ ସାକ୍ଷାତ କରିବା ସମୟରେ କପେନା ଗ୍ରାମର ପ୍ରହଲ୍ଲାଦ ପୂଜାରୀ,ଶୁକୁ ସାନ୍ତା,ଗିରିଧର ଜାନୀ, ରଘୁରାମ ସାନ୍ତା, ଚନ୍ଦନ ଟାକ୍ରି,ହଳଧର ସାନ୍ତା ପ୍ରମୁଖ ଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଆକ୍ସନ ମୋଡ୍‌ରେ ପୌର ପ୍ରଶାସନ

# ଡ୍ରେନ୍ ଓ ରାସ୍ତା ଜବରଦଖଲକାରୀଙ୍କୁ ଚେତାବନୀ

ଉମରକୋଟ,୩।୨(ସମିସ): ଦୋକାନ ସମ୍ମୁଖରେ ଥିବା ପୌର ପରିଷଦ ନିର୍ମିତ ଡ୍ରେନକୁ ଦଖଲ କରି ନିଜ ଜିନିଷ ରଖିବା ଦ୍ୱାରା ମୁଖ୍ୟ ସଡ଼କ ସଙ୍କୁଚିତ ହେଇ ଯାଉଛି। ଫଳରେ ଥିବା ପ୍ରାୟ ୪୦ଟି ଦୋକାନକୁ ଯାଇ ପୌର ପରିଷଦର ଡ୍ରେନ ଉପରେ ଥିବା ସାମଗ୍ରୀକୁ ହଟାଇବା ସହ ଏପରି ଆଗକୁ ନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଆଗାମୀ ଦିନରେ

### ଟ୍ରେଡ୍ ଲାଇସେନ୍ସ କରିବାକୁ ବ୍ୟବସାୟୀଙ୍କୁ ସଚେତନତା



ଉମରକୋଟ ସହରରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହେଇ ପଡୁଛି। ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଜି ଉମରକୋଟ ପୌର ପରିଷଦ ଦୋକାନୀଙ୍କ ଡ୍ରେନ ଅଧିଗ୍ରହଣ ହଟାଇବା ପାଇଁ ଅଭିଯାନ ଆରମ୍ଭ କରିଛି। ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କ ନେତୃତ୍ୱରେ ଟେକ୍ସ କଲେକ୍ଟର ମାନେ ଉମରକୋଟ ସହରର ମୁଖ୍ୟ ରାସ୍ତାରେ ଏପରି ଅବରୋଧ କଲେ ଜରିମାନା ଆଦାୟ କରାଯିବ କହି ଛାଡ଼ି ଦେଇଛନ୍ତି। ଆଜି କିଛି ଜରିମାନା ଆଦାୟ କରାଯାଇନି। ଆଗାମୀ ଦିନରେ ଅବରୋଧ କଲେ ଜରିମାନା ଆଦାୟ କରାଯିବ ବୋଲି ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ କହିଛନ୍ତି। ଏପରିକି ପୌର ପରିଷଦର ନିୟମ ଅନୁସାରେ ପୌର ପରିଷଦର ଅଧୀନରେ ବ୍ୟବସାୟ କଲେ ଟ୍ରେଡ୍ ଲାଇସେନ୍ସ କରିବାକୁ ବାଧ୍। କିନ୍ତୁ ଉମରକୋଟ ସହରରେ ବହୁ ଦୋକାନୀ ଏହା କରି ଥିବାରୁ ଏହାକୁ କରିବା ପାଇଁ ମଧ୍ୟ ପୌର ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ଏପରି କି ଆଜି ଡ଼ାକବାଜି ଯନ୍ତ୍ର ସାହାଯ୍ୟ ରେ ମଧ୍ୟ ସହରରେ ଘୋଷଣା କରାଯାଇଛି। ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କ ସହ ବରିଷ୍ଠ ସହାୟକ ସୁବ୍ରତ କୁମାର ସିଂ, ଗିରିଧାରି ଜେନା, ସୁବାଷ ସରକାର, ଗୋଦାବରୀ ସେଠୀ, ସିବି ରାଓ, ମୁନୁ ଦାସ ଓ ରଘୁନାଥ ଦଣ୍ଡସେନା ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

# ଜୁଆ ଆଡ୍ଡାରେ ଚଢ଼ଉ; ୭ ଗିରଫ

ନବରଙ୍ଗପୁର,୩।୨(ସମିସ): ଏକ ଜୁଆ ଆଡ୍ଡା ଉପରେ ଚଢଉ କରି ନବରଙ୍ଗପୁର ଆଦର୍ଶ ଥାନା ପୁଲିସ ୭ ଜଣଙ୍କୁ ଧରିବା ସହ ନଗଦ ୪୦ ହଜାରରୁ ଅଧିକ ଟଙ୍କା ଜବତ କରିଛି । ସୂଚନା ଅନୁଯାୟୀ, ଚଳିତ ଫେବୃୟାରୀ ମାସ ୨ ଏବଂ ୩ ତାରିଖ ମଧ୍ୟରାତ୍ରି ପ୍ରାୟ ୧ଟା ସମୟରେ ଜୁଆ ଖେଳ ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ସୂଚନା ପାଇ ନବରଙ୍ଗପୁର ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ନବରଙ୍ଗପୁର ଥାନା ଅନ୍ତର୍ଗତ ନୁଆଗୁଡ଼ା ଗ୍ରାମ ନିକଟସ୍ଥ ଏକ କାଜୁ ବଗିଚାରେ ଜୁଆ ଆଡ୍ଡାରେ ଚଢ଼ଉ ବେଳେ ୭ ଜଣ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ଖେଳ ସ୍ଥାନରୁ ନଗଦ ୪୦ ହଜାର ୫୬୦ ଟଙ୍କା ଏବଂ ୧୦୪ ଖଣ୍ଡ ତାସ ଜବତ କରାଯାଇଛି। ସେମାନେ ସମସ୍ତେ ନବରଙ୍ଗପୁର ସହରର ବାସିନ୍ଦା ଏବଂ ଟଙ୍କା ବାଜି ଲଗାଇ ତାସ ଖେଳୁଥିବା ଅବସ୍ଥାରେ ଧରାପଡ଼ିଛନ୍ତି। ଏହାପରେ ଏନେଇ ନବରଙ୍ଗପୁର ଥାନାରେ କେସ୍ ନମ୍ବର ୪୧/୨୦୨୬ ରେ ଓପିଜିର ଧାରା ୩ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ନବରଙ୍ଗପୁର ଏସଡିପିଓଙ୍କ ନେତୃତ୍ୱରେ ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ଏସଆଇ ସବିର ଅହମ୍ମଦଙ୍କ ସମେତ ବହୁ ପୋଲିସ କର୍ମଚାରୀ ଏହି ଚଢ଼ଉ ସମୟରେ ଉପସ୍ଥିତ ଥିଲେ ଏବଂ ବର୍ତ୍ତମାନ ଏଏସଆଇ ତୁଳସୀରାମ ପୂଜାରୀ ଏହି ମାମଲାର ଅଧିକ ତଦନ୍ତ କରୁଛନ୍ତି ବୋଲି ଥାନା ଅଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି।

**୪୦ ହଜାର ଟଙ୍କା ଜବତ**

# ପ୍ରସିଦ୍ଧ ପୋଡାଗଡ଼ ମଣ୍ଡେଇ ମହା ସମାରୋହ



ଉମରକୋଟ, ୩।୨ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭଣ୍ଡାରିଗୁଡା ଗ୍ରାମପଞ୍ଚାୟତ ସଦରମହକୁମାର ଐତିହାସିକ ପୀଠ ପୋଡ଼ାଗଡ ଠାରେ ପାରମ୍ପରିକ ମଣ୍ଡେଇ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତିନି ମୁଠା ଯଥା ହୀରାପୁର, ପରୀଆ ଓ ବୋରିଗାଁ ମୁଠା ଯଥା ୯୩ ମୌଜାର ଦେବାଦେବୀଙ୍କ ପ୍ରତୀକ ଲାଠି କୁର୍ଚି, ବିମାନ ଓ ଛତ୍ର ଯୋଗଦେଇଛନ୍ତି। ଲକ୍ଷାଧିକ ଲୋକ ଓ ପର୍ଯ୍ୟଟକ ଯୋଗଦେଇ ଏହି ମଣ୍ଡେଇକୁ ଉପଭୋଗ କରିଛନ୍ତି । ଏହି ମଣ୍ଡେଇ ଦୁଇଦିନ ଧରି ଚାଲୁରହିବା ସହ ଦୁଇଟି ପାହାଡ଼ ଯଥା ଉପରଗଡ ଓ ଝାଜଲ୍ ଦେଇ ପାହାଡ ଚଢ଼ା କାର୍ଯ୍ୟକ୍ରମ ରହିଛି । ଏହି ପାହାଡ ଚଢ଼ାରେ ଆଦିବାସୀ ପରମ୍ପରା ଅନୁସାରେ ବାଲି ଫୁଲ ବନ୍ଧା ଓ ଶିଶିର ପଥର ନିକଟରେ ହୁଇସିଲ ପ୍ରତିଯୋଗିତା ହେବ। ପାଞ୍ଚ ଦେଓ ଭଟ୍ଟାରେ ଦେବତା ମାନଙ୍କ ବିଚାର ବିମର୍ଶ ହେବ। କୌଣସି ଗାଁ ର ସମସ୍ୟା ଥିଲେ ଦେବାଦେବୀ ସମାଧାନ କରିବେ। ଏହି ପୋଡ଼ାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟର ସଭାପତି ଉଦ୍ଧବ ଚରଣ ନାୟକ ମୁଖ୍ୟ ଉପଦେଷ୍ଟା ଡଃ କୈଳାସ ଚନ୍ଦ୍ର ବେହେରା, ଝିଟୁ କଳାର, ଦେବ ଭତ୍ରା, କୃଷ୍ଣ ପୂଜାରୀ , ବିଞ୍ଜାଲ୍ ପୂଜାରୀ, ମହେନ୍ଦ୍ର ମାଝୀ, ସୁକାଲୁ ପୂଜାରୀ, ଈଶ୍ୱର ମାଝୀ, ସୁକ୍କନ୍ ପୂଜାରୀ ,ପାରିଆ ପୂଜାରୀ, ବୁଡୁରାମ ପୂଜାରୀ, ତୁଳସୀ ରାମ ଭାତ୍ରା ,ଭରମ୍ ବିଷୋୟୀ, ପୂର୍ଣ୍ଣ ପୂଜାରୀ, ନାରାୟଣ ପୂଜାରୀ, ବରୁଣ ପୂଜାରୀ ପ୍ରମୁଖ ଯୋଗଦେଇଥିଲେ। ଗତ ବର୍ଷ ମଣ୍ଡେଇ ଠାରୁ ଏହି ବର୍ଷ ମଣ୍ଡେଇ ଅତ୍ୟନ୍ତ ଜନସମାଗମ ହୋଇଥିବାରୁ ଟ୍ରଷ୍ଟର କର୍ମକର୍ତ୍ତା ଖୁସିବ୍ୟକ୍ତ କରିଛନ୍ତି ।

# ୬ରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଶୁଭାରମ୍ଭ

ନବରଙ୍ଗପୁର,୩।୨(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଶୁଭାରମ୍ଭ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ୫ଟି ପ୍ରମୁଖ ସୂଚକ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ୬ ଟି ସୂଚକର ପରିପୂର୍ଣତା ହାସଲ କରିବା ପାଇଁ ଏକ ବ୍ୟାପକ ଏବଂ ସମୟସୀମାବଦ୍ଧ କାର୍ଯ୍ୟ ଯୋଜନା ଚୂଡ଼ାନ୍ତ କରାଯାଇଥିଲା। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ବ୍ଲକସ୍ତରୀୟ ଶୁଭାରମ୍ଭ ୪ ଫେବୃୟାରୀରେ ଡାବୁଗାଁ ବ୍ଲକ ଏବଂ ୫ ଫେବୃୟାରି ରେ ତେନ୍ତୁଳିଖୁଣ୍ଟି ବ୍ଲକରେ ଅନୁଷ୍ଠିତ ହେବ। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ୬ ଫେବୃଆରୀ ୨୦୨୬ ରେ ମିଶନ ଶକ୍ତି ସମ୍ମିଳନୀ ହଲ ନବରଙ୍ଗପୁରରେ ସ୍ଥିର କରାଯାଇଛି। ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱାସ୍ଥ୍ୟ, ପୁଷ୍ଟିସାର,



ଶିକ୍ଷା,କୃଷି ଏବଂ ଆନୁଷଙ୍ଗିକ ସୂଚକାଙ୍କ ଉପରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସକାଳ ୮ ଟାରେ ଏକ ପ୍ରଭାତ ଫେରି ଆୟୋଜନ କରାଯିବ। ଏହା ଡକ୍ଟର ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରୁ ଆରମ୍ଭ ହୋଇ ସହିଦ ମହମ୍ମଦ ବାଜି ପ୍ରତିମୂର୍ତ୍ତିରେ ଶେଷ ହେବ। ମିଶନ ଶକ୍ତି ସମ୍ମିଳନୀ ଗୃହରେ ଶୁଭାରମ୍ଭ କାର୍ଯ୍ୟକ୍ରମ ସମୟରେ ସରକାରୀ ଯୋଜନା ଏବଂ ସେବା ସମ୍ପର୍କରେ ସଚେତନତା କରିବା ପାଇଁ ପୋଷଣ, ସ୍ୱାସ୍ଥ୍ୟ ଏବଂ ପଶୁଚିକିତ୍ସା ବିଭାଗ ଦ୍ୱାରା ପାଞ୍ଚଟି ବିଭାଗୀୟ ଷ୍ଟଲ୍ ସ୍ଥାପନ କରାଯିବ। ସେଭଳି ୬ରୁ ୨୦ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲା ସାରା ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସହିତ ୬ ଫେବୃଆରୀ ୨୦୨୬ ଠାରୁ ନବରଙ୍ଗପୁର ଜିଲ୍ଲାର ସମସ୍ତ ୧୦ ଟି ବ୍ଲକରେ ଏକ ସଚେତନତା ରଥ ପରିକ୍ରମା କରିବ, ଯାହା ଲୋକଙ୍କ ସହଭାଗିତା ଏବଂ ସମାଜିକ ଅଂଶଗ୍ରହଣକୁ ସୁଦୃଢ଼ କରିବ। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ପରିପୂର୍ଣ୍ଣତା ସୂଚକ ଯଥାକ୍ରମେ ଜନ୍ମ ସମୟରେ ସମସ୍ତ ଜୀବିତ ଶିଶୁଙ୍କ ଓଜନ ସୁନିଶ୍ଚିତ କରିବା, ଯକ୍ଷ୍ମା ରୋଗ ନିରାକରଣ ଉପରେ ବିଶେଷ ପଦକ୍ଷେପ, ଅଙ୍ଗନବାଡି କେନ୍ଦ୍ର/ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗତ ଏକ ମାସରେ ଅତି କମରେ ଗୋଟିଏ ଗ୍ରାମ ସ୍ୱାସ୍ଥ୍ୟ ପରିମଳ ଏବଂ ପୁଷ୍ଟିକର ଦିବସ/ସହର ସ୍ୱାସ୍ଥ୍ୟ ପରିମଳ ଏବଂ ପୁଷ୍ଟିକର ଦିବସ ଆୟୋଜନ କରିବା , ଶତପ୍ରତିଶତ ପଶୁମାନଙ୍କର ଟିକାକରଣ, ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟକ୍ଷମ ବାଳିକା ଶୌଚାଳୟ ସୁନିଶ୍ଚିତ କରିବା। ସେଭଳି ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ପରିପୂର୍ଣ୍ଣତା ସୂଚକ ସମସ୍ତ ୬ ମାସରୁ ୬ବର୍ଷ ଶିଶୁମାନଙ୍କୁ ନିୟମିତ ଭାବରେ ପରିପୂରକ ପୁଷ୍ଟିକର ଖାଦ୍ୟ ଗ୍ରହଣ, ରିପୋର୍ଟିଂ ମାସ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ରରେ ନାମ ଲେଖାଇଥିବା ପିଲାମାନଙ୍କର ଓଜନ ମାପ ,ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକ୍ଷମ ଶୌଚାଳୟ ସୁନିଶ୍ଚିତ କରିବା, ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ ସୁବିଧା ଉପଲବ୍ଧ କରିବା, ଶତପ୍ରତିଶତ ମଇଁଷି ଜାତୀୟ ପଶୁମାନଙ୍କର ଟିକାକରଣ ଏବଂ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟକ୍ଷମ ବାଳିକା ଶୌଚାଳୟ ସୁନିଶ୍ଚିତ କରିବା। ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏହି ସୂଚକମାନଙ୍କର ୧୦୦ ପ୍ରତିଶତ ପରିପୂର୍ଣ୍ଣତା ହାସଲ ନିଜ ସ୍ତରରେ ଦାୟିତ୍ୱ ନେଇ ୧୪ ଏପ୍ରିଲ ୨୦୨୬ ସୁଦ୍ଧା ସମୟ ସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ୍, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ମଳୟ ତ୍ରିପାଠୀ, ଉପନିର୍ଦ୍ଦେଶକ, ଯୋଜନା ପର୍ଯ୍ୟବେକ୍ଷଣ ବିଭାଗ ଐଶର୍ଯ୍ୟ ଭଞ୍ଜ , ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଏବଂ ପ୍ରୋଗ୍ରାମ ମ୍ୟାନେଜର, ପିରାମଲ ଫାଉଣ୍ଡେସନ ବିକ୍ରମ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥପୁର ସରକାରୀ ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ

କଲ୍ୟାଣସିଂହପୁର,୩।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଜଗନ୍ନାଥପୁର ଖେଳପଡିଆ ରେ ଖୁବ୍ ଆଡମ୍ବର ରେ ପିଏମ୍‌ଶ୍ରୀ ଉତ୍ସବ ପାଳନ ହେଇଥିବା ହୋଇଥିବା ଦେଖିବାକୁ ମିଳିଛି। ମୁଖ୍ୟ ଅତିଥି ଭାବେ ବିଧାୟକ ବିଷମକଟକ ନିର୍ବାଚନ ମଣ୍ଡଳୀର ନୀଳମାଧବ ହିକକା ଯୋଗଦେଇ ଥିବା ବେଳେ ସଭପତି ଭାବେ ଅତିରିକ୍ତ ଶିକ୍ଷାଧିକରୀ କଲ୍ୟାଣସିଂହପୁର ଶାନ୍ତିଲତା ମୁନି, ସମ୍ମାନିତ ଅତିଥି, ଡମ୍ବରୁ କଞ୍ଜକା, ଜିଲ୍ଲା ପରିଷଦ କ ଜୋନ ପ୍ରାସାଦ ରାଓ, ଖ ଜୋନ ବି ଗୌରୀ, ସ୍ଥାନୀୟ ସରପଞ୍ଚ ସଞ୍ଜୟ ନିଶିକା, ସମିତି ସଭ୍ୟ ଦମ୍ବୁରୁ କୁଲସିକା, ବିଦ୍ୟାଳୟ ପରିଚାଳନା କମିଟି ବିନୋଦ ନାଗ, ଏ ପରମେଶ କୁମାର ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରି, ସାଂସଦ ପ୍ରତିନିଧି କୁମାର ସ୍ୱାମୀ କୌଶଲ୍ୟା ଉପସ୍ଥିତ ରହି କାର୍ଯ୍ୟକର୍ମକୁ ଆରମ୍ଭ କରିଥିଲେ।

# ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ



ପଟ୍ଟାଙ୍ଗି/ସେମିଲିଗୁଡା(ସମିସ),୩।୨(ସମିସ): କୋରାପୁଟ ଜିଲ୍ଲାର ୨ୟ ବ୍ଲକ ରୂପେ ଚଳିତ ବର୍ଷ ପଟ୍ଟାଙ୍ଗି ବ୍ଲକରେ ସ୍କୁଲ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଦିଗଗୋଲୁରୁ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ୪ଟି ବିଭିନ୍ନ ସ୍ଥାନରେ ହେବାକୁ ଥିବା ଶିବିର ମଧ୍ୟରୁ ପ୍ରଥମ ଶିବିରରେ ୧୬୨ଜଣ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରାଯାଇ ଦୃଷ୍ଟିଦୋଷ ଥିବା ୯ ଜଣ ପିଲାଙ୍କର ଚଷମା ପରୀକ୍ଷା ହୋଇଥିଲା। ଜଣେ ଛାତ୍ରଙ୍କୁ ଅଧିକ ଚିକିତ୍ସା ପାଇଁ ରେଫର କରାଯାଇଥିଲା। ସାମାନ୍ୟ ରୋଗଥିବା ପିଲାଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପୂର୍ବରୁ ତାଲିମ ପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀ ନିଜନିଜ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ପରୀକ୍ଷା କରି ଦୃଷ୍ଟି ଦୋଷ ଅନ୍ୟ ରୋଗଥିବା ପିଲାଙ୍କୁ ଶିବିରକୁ ଆଣିଥିଲେ। କାର୍ଯ୍ୟକ୍ରମକୁ ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆୟୋଜନ କରିଥିଲା ଓ ବିଇଓ ଚାମେଲି ମଜୁମଦାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚକ୍ଷୁ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା ଓ ବିଜୟ କୁମାର ଆଚାର୍ଯ୍ୟ ପିଲାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏବିଇଓ ରଜନୀକାନ୍ତ ବଡନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ବିଆରପି ରେଣୁବାଳା ମଲ୍ଲିକ ସଂଯୋଜନା କରିଥିଲେ। ସିଆରସିସି ପ୍ରଦୀପ୍ତ କୁମାର ଦତ୍ତ ଓ ଅଜିତ କୁମାର ତରିଆ, ପ୍ରଧାନ ଶିକ୍ଷକ ଅନିଲ କୁମାର ମହାନନ୍ଦ, ଶିକ୍ଷକ ରାଜେଶ ବୁଦ୍ଧିଆ, ଧରଣୀଧର ହାଲୁଆ, ଗୋବିନ୍ଦ ବିଶ୍ୱାଳ ଓ ୱାଡେନ୍ ରୁଡ଼ି ବିଜୟା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଦୃଷ୍ଟି ଦୋଷ ଥିବା ପିଲାଙ୍କୁ ମାଗଣା ଚଷମା ପ୍ରଦାନ ସହ ଅନ୍ୟ ଚକ୍ଷୁରୋଗ ଭୋଗୁଥିବା ପିଲାଙ୍କ ମାଗଣାରେ ଚିକିତ୍ସା ବ୍ୟବସ୍ଥା ରହିଛି।

# ଲୋକସଭାରେ ଉଠିଲା ରାୟଗଡ଼ାର ଆମ୍ବଚାଷୀଙ୍କ ସମସ୍ୟା



ରାୟଗଡ଼ା,୩।୨(ସମିସ): ରାୟଗଡ଼ାରେ ଆମ୍ବ ବିକ୍ରୟ ସମସ୍ୟାକୁ କେନ୍ଦ୍ର ସରକାର ସ୍ୱୀକାର କରିଥିଲେ ମଧ୍ୟ ଦାୟିତ୍ୱ ଗ୍ରହଣରୁ ଏଡାଇ ଯାଇଛନ୍ତି । ଏହାର ପରିଣାମ ସ୍ୱରୂପ ଆଦିବାସୀ ଆମ୍ବ ଚାଷୀମାନେ ଏଯାବତ୍ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକର ଆଦିବାସୀ ଆମ୍ବ ଚାଷୀମାନେ ସମ୍ମୁଖୀନ ହେଉଥିବା ଗୁରୁତର ବିକ୍ରୟ ସମସ୍ୟା ସମ୍ପର୍କିତ ପ୍ରସଙ୍ଗ ଲୋକସଭାରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ଏକ ଅଣତାରକାବିହୀନ ପ୍ରଶ୍ନ ମାଧ୍ୟମରେ ଉଠାଇଥିଲେ। ଯେଉଁଥିରେ ଶୀତଳ ସଂରକ୍ଷଣ ବ୍ୟବସ୍ଥାର ଅଭାବ, ସରକାରୀ ମଣ୍ଡି କ୍ରୟ ବ୍ୟବସ୍ଥା ନ ଥିବା, ସୁଲଭ କୃଷି ସାମଗ୍ରୀ ଏବଂ ପ୍ରକ୍ରିୟାକରଣ ସୁବିଧାର ସମ୍ପୂର୍ଣ୍ଣ ଅଭାବକୁ ଉଲ୍ଲେଖ କରାଯାଇଥିଲା। ଏହି ସମସ୍ତ ଅଭାବ ପ୍ରତିବର୍ଷ ଫସଲ ଋତୁରେ ରାୟଗଡାର ହଜାର ହଜାର ଆଦିବାସୀ ଚାଷୀଙ୍କୁ ଅସୁବିଧାରେ ପକାଇ ଅଳ୍ପ ଦରରେ ଆମ୍ବ ବିକ୍ରି କରିବାକୁ ବାଧ୍ୟ କରୁଛି। ଏହାର ଉତ୍ତରରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ଜଣାଇଛି ଯେ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆମ୍ବର ଅସୁବିଧା ବିକ୍ରୟ ସମ୍ପର୍କରେ କୌଣସି ଆନୁଷ୍ଠାନିକ ରିପୋର୍ଟ ଏପର୍ଯ୍ୟନ୍ତ ମିଳିନାହିଁ। ତଥାପି, ରାଜ୍ୟ ସରକାର କାଶୀପୁର ବ୍ଲକରେ ଆଦିବାସୀ ଆମ୍ବ ଚାଷୀମାନେ ସମ୍ମୁଖୀନ ହେଉଥିବା ଗୁରୁତର ଲଜିଷ୍ଟିକ୍ ଓ ଋତୁକାଳୀନ ସମସ୍ୟା ସମ୍ପର୍କରେ କେନ୍ଦ୍ରକୁ ଅବଗତ କରାଇଥିବା ଉଲ୍ଲେଖ କରିଛି। ଏହି ପ୍ରତିବିରୋଧୀ ସଂତୃପ୍ତି ଏବଂ ପ୍ରାରମ୍ଭିକ ବର୍ଷା ସହିତ ସମନ୍ୱୟ ରକ୍ଷା କରିବା ଫଳରେ ପରିଣାମସ୍ୱରୂପ ଋତୁକାଳୀନ ମୂଲ୍ୟ ସଙ୍କୋଚନ ହୁଏ। ସରକାର ଏହାକୁ ମଧ୍ୟ ସ୍ୱୀକାର କରିଛନ୍ତି ଯେ

> ପ୍ରଶ୍ନ କଲେ ସାଂସଦ ସପ୍ତଗିରି
> କେନ୍ଦ୍ର ସରକାରଙ୍କ ଅସ୍ପଷ୍ଟ ସ୍ୱୀକାରୋକ୍ତି

ମନ୍ତ୍ରୀଙ୍କ ବକ୍ତବ୍ୟ ଏକ ସ୍ଥାୟୀ ଶାସନଗତ ବ୍ୟବଧାନକୁ ପ୍ରକାଶ କରେ, ଯେଉଁଠାରେ ଚାଷୀମାନଙ୍କ ଯନ୍ତ୍ରଣା ନୀତିଗତ ଭାବରେ ସ୍ୱୀକୃତିପ୍ରାପ୍ତ କିନ୍ତୁ ପ୍ରକ୍ରିୟାଗତ ଅବହେଳା ଯୋଗୁଁ ବାସ୍ତବ କାର୍ଯ୍ୟାନୁଷ୍ଠାନରେ ଅଦୃଷ୍ଟ ହୋଇ ରହିଯାଉଛି। ସରକାରଙ୍କ ପ୍ରତିକ୍ରିୟା ଏହା ସ୍ୱୀକାର କରିଛି ଯେ ରାୟଗଡ଼ାରେ ଆମ୍ବ ଅମଳ ଋତୁର ଶେଷ ଭାଗରେ ହୁଏ। ବଜାର ପ୍ରାରମ୍ଭିକ ବର୍ଷା ଫଳରେ ଫଳ ଉପରେ କଳା ଦାଗ ଓ ଗୁଣାତ୍ମକ ଅବନତି ଘଟେ। ଏହାର ବଜାର ମୂଲ୍ୟ ହ୍ରାସ ପାଏ। ଏହା ଫଳସ୍ୱରୂପ ଆଦିବାସୀ ଚାଷୀମାନଙ୍କର ବ୍ୟବସାୟ କରିବାର କ୍ଷମତାକୁ ଗୁରୁତର ଭାବେ ଦୁର୍ବଳ କରିଦେଇଥାଏ ଏବଂ ସେମାନଙ୍କୁ ଘରୋଇ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ ଦ୍ୱାରା ଶୋଷଣର ଶିକାର ହୋଇପାରନ୍ତି। ବିଗତ ପାଞ୍ଚ ବର୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ଭିତ୍ତିଭୂମିର ତାଲିକା ଦିଆଯାଇଛି । ଯେଉଁଥିରେ ମୋଟ ୫,୬୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଦୁଇଟି ଶୀତଳ ଭଣ୍ଡାର, ସାତଟି ସୌର ଶୀତଳ କୋଠରୀ, ଗୋଟିଏ ଗରମ ଜଳ ଚିକିତ୍ସା ସୁବିଧା ଏବଂ ଦୁଇଟି ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଭୁକ୍ତ ଅଛି। କିନ୍ତୁ ଏହି ଉତ୍ତର ଏହା ସ୍ପଷ୍ଟ କରିବାରେ ବିଫଳ ହୋଇଛି ଯେ ଏହି ସୁବିଧାଗୁଡ଼ିକ ବାସ୍ତବରେ କାଶୀପୁର ବ୍ଲକର କ୍ଷୁଦ୍ର ଓ ସୀମାନ୍ତ ଆଦିବାସୀ ଚାଷୀମାନଙ୍କ ପାଇଁ କେତେଦୂର ଉପଲବ୍ଧ ଅଛି କିମ୍ବା ଏହା ଏହି ଅଞ୍ଚଳରେ ଉତ୍ପାଦିତ ଆମ୍ବର ପରିମାଣ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ କି ନୁହେଁ, ସ୍ଥାନୀୟ ପ୍ରକ୍ରିୟାକରଣ ୟୁନିଟ୍ ଓ ନିଶ୍ଚିତ କ୍ରୟ ବ୍ୟବସ୍ଥାର ଅଭାବ ଚାଷୀମାନଙ୍କୁ ଅବିରତ ଭାବେ ସଙ୍କଟ ବିକ୍ରୟ ପାଇଁ ବାଧ୍ୟ କରୁଛି। କେନ୍ଦ୍ର ସରକାର ୨୦୨୪-୨୫ ବର୍ଷଠାରୁ ସମନ୍ୱିତ ଉଦ୍ୟାନ ବିକାଶ ମିଶନ, ପିଏମ - ଆଶା ଅଧୀନରେ ବଜାର ହସ୍ତକ୍ଷେପ ଯୋଜନା ଏବଂ ନୂତନ ଭାବରେ ପ୍ରଚଳିତ ମୂଲ୍ୟ ଭିନ୍ନକ୍ଷମ ଦେୟ ବ୍ୟବସ୍ଥା ଭଳି ଯୋଜନାଗୁଡିକର ଉପଲବ୍ଧତାକୁ ପୁନର୍ବାର ଦୋହରାଇଛି। କିନ୍ତୁ ଏହି ଉତ୍ତରରେ ରାୟଗଡ଼ା ଜିଲ୍ଲା କିମ୍ବା କାଶୀପୁର ବ୍ଲକ ପାଇଁ କୌଣସି ସମୟସୀମାବଦ୍ଧ ପ୍ରତିବଦ୍ଧତା, ବ୍ଲକ-ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା କିମ୍ବା ସ୍ପଷ୍ଟ କାର୍ଯ୍ୟାନୁଷ୍ଠାନ ରୋଡମ୍ୟାପ୍ ଦିଆଯାଇନାହିଁ। ଫଳସ୍ୱରୂପ, ଫଳାଫଳ ସୁନିଶ୍ଚିତ କରିବା ପରିବର୍ତ୍ତେ ଦାୟିତ୍ୱକୁ ପ୍ରଭାବଶାଳୀ ଭାବରେ ସ୍ଥାନାନ୍ତର କରାଯାଉଛି। କ୍ରୟ, ପ୍ରକ୍ରିୟାକରଣ ଓ ମୂଲ୍ୟ-ସମର୍ଥନ ବ୍ୟବସ୍ଥାକୁ କାର୍ଯ୍ୟକାରୀ ଭାବେ ସକ୍ରିୟନ କରି କେବଳ ସମସ୍ୟାଗୁଡ଼ିକୁ ସ୍ୱୀକାର କରିବା ସାଂଗଠନିକ ଅବହେଳା ସହିତ ସମାନ। ସରକାର କ୍ଷେତ୍ରାଧିକାର ବିଷୟରେ ବିତର୍କ କରୁଥିବା ସମୟରେ ଆଦିବାସୀ ଚାଷୀମାନଙ୍କୁ ବଜାର ଅସ୍ଥିରତାର ଦୟାରେ ଛାଡ଼ି ଦିଆଯାଇପାରିବ ନାହିଁ। ଯଦି ଯୋଜନା ଅଛି, ତେବେ ସେଗୁଡ଼ିକର ତୃଣମୂଳସ୍ତରରେ କାର୍ଯ୍ୟାନ୍ୱୟନ ହେବା ଚାଷୀମାନଙ୍କର ନୁହେଁ ବରଂ ଶାସନ ବ୍ୟବସ୍ଥାର ବିଫଳତାକୁ ସ୍ପଷ୍ଟ ଭାବରେ ପ୍ରତିନିଧିତ୍ୱ କରେ ବୋଲି ସାଂସଦ ଶ୍ରୀ ଉଲାକା କହିଛନ୍ତି। ରାୟଗଡ଼ାର ଆଦିବାସୀ ଅଞ୍ଚଳଗୁଡ଼ିକରେ ସମସ୍ୟାବହୁଳ ବିକ୍ରୟ ଓ ଶୋଷଣର ନିରନ୍ତର ଚକ୍ରକୁ ଭାଙ୍ଗିବା ପାଇଁ ବ୍ଲକ-ସ୍ତରରେ ଶୀତଳ ଭଣ୍ଡାର ସ୍ଥାପନ, ମଣ୍ଡିଭିତ୍ତିକ ସରକାରୀ କ୍ରୟ ବ୍ୟବସ୍ଥା, ବିକେନ୍ଦ୍ରୀକୃତ ଆମ୍ବ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ନିଶ୍ଚିତ ମୂଲ୍ୟ-ସମର୍ଥନ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିଶ୍ଚିତ ପକ୍ଷରେ ଅତ୍ୟାବଶ୍ୟକ ହୋଇ ପଡିଛି ବୋଲି ସାଂସଦ, କୋରାପୁଟ ତଥା ଅଧ୍ୟକ୍ଷ ଷ୍ଟାଣ୍ଡିଂ କମିଟି ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ସପ୍ତଗିରି ଶଙ୍କର ଉଲାକା କହିଛନ୍ତି

# 'ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଦୃଷ୍ଟିଶକ୍ତି ବାଧକ ସାଜିବ ନାହିଁ'



ନାରାୟଣପଟଣା,୩।୨(ସମିସ) ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଦୃଷ୍ଟିଶକ୍ତି ବାଧକ ଯେମିତି ସାଜିବ ନାହିଁ ସେ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ଆଜି କୋରାପୁଟ ଜିଲ୍ଲାରେ ପ୍ରଥମ ବ୍ଲକ୍ ଭାବେ ନାରାୟଣପାଟଣାର ବାଲିପେଟା ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ଠାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମୁଦୁଲିଙ୍କ ତତ୍ତ୍ୱାବଧାନରେ ବିଆର୍‌ପି ବ୍ରଜକିଶୋର ପାଣିଗ୍ରାହୀ ବ୍ଲକ୍ ସ୍ତରୀୟ ଚକ୍ଷୁ ପରୀକ୍ଷଣ ଶିବିରକୁ ଆୟୋଜନ କରିଥିଲେ। ପ୍ରଧାନ ଶିକ୍ଷକ ଦେବବ୍ରତ ମିଶ୍ର ଶିବିରକୁ ଉଦ୍‌ଘାଟନ କରିବା ସହିତ ସହକାରୀ ଶିକ୍ଷକ ଆର୍ଯ୍ୟଭଟ୍ଟ ମାର୍ଥା, ବଟକୃଷ୍ଣ ନାୟକ,ଅମରନାଥ ପାଢ଼ୀ, ଅମିର ମଣ୍ଡିଙ୍ଗି, ରମଣ ଶିରିକା, ଅଜୟ କୁମାର ମହାନ୍ତି , ପ୍ରିୟ ରଞ୍ଜନ ଡାକୁଆ ଏବଂ ସେବାଶ୍ରମ ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ। ଚକ୍ଷୁ ପରୀକ୍ଷା କରିବା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଚକ୍ଷୁବିଶେଷଜ୍ଞ ବିଜୟ କୁମାର ଆଚାର୍ଯ୍ୟ ଏବଂ ନାରାୟଣ ମାଝି ଶିବିର ରେ ଯୋଗ ଦେଇ ବିଜାଘାଟି, ତେନ୍ତୁଳିପଦର, ବାଲିପେଟା, ପୋଡାପଦର ଓ ତଳଗୁମାଣ୍ଡି କ୍ଲଷ୍ଟର ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଲା ମାନଙ୍କର ଚକ୍ଷୁ ପରୀକ୍ଷା କରାଇବା ସହିତ ଚଷମା ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ୧୫୪ଜଣ ପିଲା ଯୋଗ ଦେଇ ଥିଲେ, ସେଥିରୁ ୧୫ଜଣ ପିଲାଙ୍କ ପାଇଁ ଚଷମା ସୁପାରିଶ ହୋଇଥିଲା। ସୂଚନା ଯୋଗ୍ୟ, ପିଲାଙ୍କ ଦୃଷ୍ଟିଜନୀତସମସ୍ୟା ଏଡ଼ାଇବା ପାଇଁ ସରକାର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ମାଗଣାରେ ପିଲାମାନଙ୍କୁ ଚଷମା ଯୋଗାଇ ଦେବେ ଏବଂ ଯେଉଁ ମାନଙ୍କର ଚକ୍ଷୁ ସମ୍ବନ୍ଧୀୟ ଅନ୍ୟ ସମସ୍ୟା ଥିଲା ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା।

# ପୌର ପ୍ରଶାସନର ଜବରଦଖଲ ଉଚ୍ଛେଦ



## ସହରର ବିଭିନ୍ନ ମହଲରୁ ପ୍ରଶଂସା

ନବରଙ୍ଗପୁର,୩।୨(ସମିସ): ନବରଙ୍ଗପୁର ପୌର ପ୍ରଶାସନ ପକ୍ଷରୁ ପୌର ପରିଷଦ ଅନ୍ତର୍ଗତ ତଥା ସହର ମଧ୍ୟ ଦେଇ ଯାଇଥିବା ୨୬ ନମ୍ବର୍ ଜାତୀୟ ରାଜପଥ ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ଉଠା ଦୋକାନୀ ଏବଂ ସ୍ଥାୟୀ ଦୋକାନୀ ମାନଙ୍କ ଦ୍ୱାରା କରାଯାଇଥିବା ବେଆଇନ ଭାବରେ ରାସ୍ତାର ଦୁଇ ପାଶ୍ୱର୍ ଡ୍ରେନ ଉପରେ ଓ ରାସ୍ତା ଉପରକୁ ଅନଧିକୃତ ଜବରଦଖଲକୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ନବରଙ୍ଗପୁର ପୌର ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଜବରଦଖଲ ଉଚ୍ଛେଦ ଅଭିଯାନ ପ୍ରଥମ ଦିନରେ ନବରଙ୍ଗପୁର ଚମୁରିଆ ଗୁଡାଠାରୁ ଆରମ୍ଭ କରି ତହସିଲ କାର୍ଯ୍ୟାଳୟ ନିକଟ ଟ୍ରାଫିକ ଛକ ପର୍ଯ୍ୟନ୍ତ କରାଯାଇଥିଲା। ଏହି ଅଭିଯାନ ସମୟରେ ପ୍ରତ୍ୟେକ ଦୋକାନର ଟ୍ରେଡ ଲାଇସେନ୍ସ ଯାଞ୍ଚ ସହିତ ବେଆଇନ ଅନଧିକାର ଜବରଦଖଲ ସବୁ ଉଚ୍ଛେଦ କରାଯାଇଥିଲା। ଆଜିର ପ୍ରଥମ ଦିନର ଏହି ଅଭିଯାନ ଅବସରରେ ପାଖାପାଖି ୧୭ ହଜାରରୁ ଅଧିକ ଟଙ୍କା ଜରିମାନା ଆଦାୟ କରା ଯାଇଥିବା ପୌର ପରିଷଦ ପକ୍ଷରୁ ସୂଚନା ମିଳିଛି। ନବରଙ୍ଗପୁର ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ନେତୃତ୍ୱରେ ହୋଇଥିବା ଏହି ଅଭିଯାନ ସମୟରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ତଥା ନବରଙ୍ଗପୁର ଅତିରିକ୍ତ ତହସିଲଦାର କୁଶ ଗରଡ଼ାଙ୍କ ସମେତ ପୌର ରାଜସ୍ୱ ନିରୀକ୍ଷକ ଶୁଭ୍ରାଂଶୁ ଶେଖର ରାଉତ , ମୁଖ୍ୟ କିରାଣୀ ଅଜୟ ନନ୍ଦ , ରାଜେଶ୍ ତ୍ରିପାଠୀ ,ଶ୍ରୀକାନ୍ତ ଦାସ ,ଜ୍ୟୋତି ପରିଚ୍ଛା, ଦେବାଶିଷ ପ୍ରହରାଜ ,ରାଜେନ୍ଦ୍ର ସାହୁ,କବିତା ହରିଜନ,ଶଶାଙ୍କ ବେହେରା, ସାଗର ମହାପାତ୍ର, ସାଗରିକା ମହାକୁଡ, ସୁଧାଂଶୁ ଶତପଥୀ, ଜୟରାମ ନାୟକଙ୍କ ନବରଙ୍ଗପୁର ଆଦର୍ଶ ଥାନାର ବହୁ ମହିଳା ଏବଂ ପୁରୁଷ ପୁଲିସ ବାହିନୀ ଉପସ୍ଥିତ ଥିଲେ। ସହରର ଦୁଇ ପାଶ୍ୱର୍ରେ ବହୁ ଉଠା ଦୋକାନୀ ଏବଂ ସ୍ଥାୟୀ ଦୋକାନୀଙ୍କ ଡ୍ରେନ ଉପରେ ଏବଂ ରାସ୍ତା ଉପରକୁ ବେଆଇନ ଅନଧିକାର ଜବରଦଖଲ କରିଥିବା ଯୋଗୁଁ ବିଭିନ୍ନ ସମୟରେ ସହର ମଧ୍ୟରେ ବହୁବାର ଟ୍ରାଫିକ ଜାମ ହୋଇ ଲୋକଙ୍କ ଯାତାୟତରେ ଅସୁବିଧା ହେଉଛି। ବେଳେ ବେଳେ ବହୁ ସଡ଼କ ଦୁର୍ଘଟଣା ହେଉଥିବାରୁ ପୌର ପରିଷଦ ପକ୍ଷରୁ ହୋଇଥିବା ଆଜିର ଜବରଦଖଲ ଉଚ୍ଛେଦ ଅଭିଯାନକୁ ସହରର ଜନସାଧାରଣ ଏବଂ ବହୁ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।

# ୫ରୁ ଶ୍ରୀ ଲକ୍ଷ୍ମୀନୃସିଂହ ସ୍ୱାମୀଙ୍କ କଲ୍ୟାଣ ବ୍ରହ୍ମୋତ୍ସବ



ରାୟଗଡ଼ା,୩।୨(ସମିସ) : ଚଳିତ ମାସ ଫେବୃଆରୀ ୫ ରୁ ୧୦ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଜେକେପୁର, ଅମଲାପେଟାର ୩୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଶ୍ରୀକ୍ଷେତ୍ର ଟାଉନସିପ୍ ସ୍ଥିତ ଶ୍ରୀ ଲକ୍ଷ୍ମୀନୃସିଂହ ଦେବସ୍ଥାନରେ ଶ୍ରୀ ଲକ୍ଷ୍ମୀନୃସିଂହ ସ୍ୱାମୀଙ୍କ ଦ୍ୱିତୀୟ ବାର୍ଷିକ କଲ୍ୟାଣ ବ୍ରହ୍ମୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମନ୍ଦିର ଟ୍ରଷ୍ଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ରହିଥିବା ସୂଚନା ମିଳିଛି। ଆସନ୍ତା ଗୁରୁବାର ୫ତାରିଖ ସନ୍ଧ୍ୟା ସାଢେ ୫ଟା ସମୟରେ ଅଙ୍କୁରାର୍ପଣ ପରେ ଶୁକ୍ରବାର ୬ ତାରିଖ ସକାଳ ୯ଟାରୁ ଧ୍ୱଜାରୋହଣ ସତ୍‌ସନ୍ତାନ ପାଇଁ ଗରୁଡ ପ୍ରସାଦ ଯଜ୍ଞଶାଳା ପୂଜା, ବାସ୍ତୁ ଯୋଗୀଶ୍ୱର ,ମଣ୍ଡପ ପୂଜା, ମୂର୍ତ୍ତି, କୁମ୍ଭ ଆବାହନ, ଆରତୀ, ମନ୍ତ୍ରପୁଷ୍ପ ଏବଂ ସଂଧ୍ୟା ସାଢେ ୫ଟାରେ ସ୍ୱାମୀଙ୍କ କଲ୍ୟାଣୋତ୍ସବ ଅନୁଷ୍ଠିତ ହେବ। ୭ ତାରିଖ ଶନିବାରରେ ନିତ୍ୟ ବିଶେଷ ହୋମ, ଶ୍ରୀ ସୁଦର୍ଶନ ନୃସିଂହ ହୋମ,ସହସ୍ର ଦୀପ ସାଜସଜ୍ଜା ସେବା ଆରତୀ,ମନ୍ତ୍ର ପୁଷ୍ପଏବଂ ରବିବାର ୮ତାରିଖ ସକାଳେ ସମସ୍ତ ପୂଜା ସମେତ ଶ୍ରୀ ଲକ୍ଷ୍ମୀ ହାୟଗ୍ରୀବ ହୋମ, ୯ ତାରିଖ ସୋମବାରରେ ମଧ ସମସ୍ତ ନିତ୍ୟ ବିଶେଷ ହୋମ ସହିତ ଶ୍ରୀ ଲକ୍ଷ୍ମୀ ହୋମ, ଶ୍ରୀ ଭୁବରାହ ଇଷ୍ଟି, କଳଶାରାଧନ ୧୦୮ ଆରତୀ ଏବଂ ଶେଷ ଦିନ ମଙ୍ଗଳବାର ୧୦ତାରିଖରେ ବସନ୍ତ ଉତ୍ସବ, ଚୁର୍ନ ଉତ୍ସବ, ଅଷ୍ଟୋତର ଶତ (୧୦୮) କଳସ ଅଭିଷେକ ଚକ୍ରସ୍ନାନ, ନିତ୍ୟ ବିଶେଷ ହୋମ, ପୂର୍ଣ୍ଣାହୁତି, ଆରତୀ, ମନ୍ତ୍ରପୁଷ୍ପ ଏବଂ ସଂଧ୍ୟାରେ ରଥ ମହୋତ୍ସବ ଓ ଶ୍ରୀ ପୁଷ୍ପାୟାଗମ୍ ପୂଜାବିଧି ଭଳି ବୈଦିକ କାର୍ଯ୍ୟକ୍ରମ ଗୁଡିକ ଫଣିହାଟ ଭାସ୍କାରାଚାର୍ଯ୍ୟଙ୍କ ଶ୍ରୀ କାଣ୍ଡୁରୀ ଜଗନ୍ନାଥ ରାଓ ବୃନ୍ଦଗଣ ଦ୍ୱାରା ପରିଚାଳିତ ହେବ ବୋଲି ମନ୍ଦିର ପୂଜକ ମଙ୍ଗନାଥ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିପରି ପରମହଂସ ପରିବ୍ରାଜକାଚାର୍ଯ୍ୟ ଉଭୟ ବେଦାନ୍ତ ପ୍ରବର୍ତକାଚାର୍ଯ୍ୟ ଶ୍ରୀ ଶ୍ରୀ ଶ୍ରୀ ତ୍ରିଦଣ୍ଡି ନାରାୟଣା ରାମାନୁଜ ଜିଆର ସ୍ୱାମୀ, ଶ୍ରୀରଙ୍ଗ ରାମାନୁଜ ଜିଆର ସ୍ୱାମୀ, ଶ୍ରୀ ବୈଷ୍ଣଓ ଆଚାର୍ଯ୍ୟପୀଠ ପରଂପରାଦି ବର୍ତମାନ ଆଚାର୍ଯ୍ୟ ତିରୁମାଳା ରଙ୍ଗନାଥ ଆଚାର୍ଯ୍ୟ (ଗୁରୁଦେବ)ଙ୍କ ମଙ୍ଗଳ ଶାସନ ପ୍ରତ୍ୟେକ୍ଷ ମାର୍ଗଦର୍ଶନରେ ଶ୍ରୀ ଲକ୍ଷ୍ମୀନୃସିଂହ ସ୍ୱାମୀଙ୍କ ଏହି ଦ୍ୱିତୀୟ ବାର୍ଷିକ କଲ୍ୟାଣ ବ୍ରହ୍ମୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ଉନ୍ନୟନମୂଳକ କାମ ପାଇଁ ମନ୍ଦିର ପାଶ୍ୱର୍ରେ ତଥା ଭବ ପାପନାଶିନୀ ନଦୀ ଘାଟରେ ଆଗାମୀ ଦିନରେ ଚଦୁର୍ଦ୍ଧାମୂର୍ତ୍ତି, କୋଣାର୍କ ଚକ୍ର ଏବଂ ଶଙ୍ଖଚକ୍ର ନାମାଲୁ ଚିହ୍ନ, ଗୋଶାଳା ଆଦି ସ୍ଥାପନା କରାଯିବାକୁ ଯୋଜନା ରହିଥିବା ଏବଂ ଏହି ଦ୍ୱିତୀୟ ବାର୍ଷିକ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେଇ ତୀର୍ଥପ୍ରସାଦ ଗ୍ରହଣ କରି ଏବଂ ସ୍ୱାମୀଙ୍କ କୃପା ପ୍ରାପ୍ତ କରିବାକୁ ମନ୍ଦିର ଟ୍ରଷ୍ଟି ତଥା ମନ୍ଦିର ମୁଖ୍ୟ ଧର୍ମକର୍ତା ଦୁଡଲା ଶ୍ରୀନିବାସ ରାଓ ଅନୁରୋଧ କରିଛନ୍ତି।

## ଗୌରୀଶଙ୍କର ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି



ରାୟଗଡ଼ା, ୩।୨(ସମିସ): ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ହେଲେ ରାୟଗଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ପି.ଗୌରୀ ଶଙ୍କର। ଗୌରୀ ଶଙ୍କର ପୂର୍ବ ସରକାର ସମୟରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ସହିତ ବିଜେଡି ଦଳର ଜିଲ୍ଲା ଉପସଭାପତି ଏବଂ ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ମଧ୍ୟ ରହିଥିଲେ। ପୂର୍ବରୁ ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ ମଧ୍ୟ ରହିଥିଲେ ଗୌରୀଶଙ୍କର। ତାଙ୍କୁ ଏହି ପଦବୀ ମିଳିବା ପରେ ଜିଲ୍ଲା ସଭାପତି ଜଗନ୍ନାଥ ସାରକା, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାଶଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଦଶମ ବୋର୍ଡ ଆବାସିକ ପ୍ରସ୍ତୁତି ଦେଖିଲେ ଅତିରିକ୍ତ ଜିଲ୍ଲାପାଳ



ମାଲକାନଗିରି, ୩।୨(ସମିସ): ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଦଶମ ବୋର୍ଡ ୨୦୨୬ ପରୀକ୍ଷାରେ ଭଲ ଫଳାଫଳ ଆଣିବା ନିମନ୍ତେ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଦଶମ ବୋର୍ଡ ଆବାସିକ ପ୍ରସ୍ତୁତି କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଜିଲ୍ଲାରେ ଚାଲିଥିବା ଆବାସିକ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପରିଦର୍ଶନ ନିମନ୍ତେ ମାଲକାନଗିରି ବ୍ଲକ ସ୍ଥିତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମ ଭି ୭ ଓ ବାଲିମେଳା ସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଗସ୍ତ କରିଥିଲେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ। ତାଙ୍କ ସହ ଗସ୍ତ ସମୟରେ ବିଭାଗ ତରଫରୁ ଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ। ଜାନୁୟାରୀ ମାସ ୧୯ରୁ ୨୪ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆବାସିକ ପ୍ରସ୍ତୁତି ୪ଟି କେନ୍ଦ୍ରରେ ଜିଲ୍ଲାରୁ ୨୦୦ ଚୟନ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖି ସେମାନଙ୍କୁ ମାଗଣା ଖାଦ୍ୟ, ପଠନ ସାମଗ୍ରୀ, ଯୋଗ ଅଭ୍ୟାସ, ବିଷୟ ବିଶେଷଜ୍ଞ ଦ୍ୱାରା ସ୍ୱତନ୍ତ୍ର ଦୈନିକ ଅଭ୍ୟାସ ପରୀକ୍ଷା ସରିଥିଲା। ଏହି କ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ଫେବୃୟାରୀ ୨ ରୁ ୭ ଯାଏଁ ଚାଲିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପିଲାଙ୍କୁ ପାଠ ପଢାଇବା ସହ ସେମାନଙ୍କ ସୁବିଧା ସୁଯୋଗ ତଦାରଖ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ପିଲାଙ୍କ ମାନସିକ ସ୍ୱାସ୍ଥ୍ୟକୁ ବିଶେଷ ଦେବାକୁ କେନ୍ଦ୍ର ପରିଚାଳକ ଇ. ଈଶ୍ୱର ରାଓ ଓ ସୁଶୀଳା ହିଆଲଙ୍କୁ ପରାମର୍ଶ ଦେଇଥିଲେ। ପିଲାଙ୍କ ଚାଲିଥିବା ପ୍ରାକ୍ ବୋର୍ଡ ପରୀକ୍ଷା ଓ ଉତ୍ତର ଖାତା ନିରୀକ୍ଷଣ ବିଷୟ ବୁଝିଥିଲେ।

# ମଦ ଜବତ, ଜଣେ ଗିରଫ



କାଲିମେଳା/ଏମ୍‌ଭି ୭ ୯, ୩।୨(ସମିସ): ମାଲକାନଗିରି ଜିଲ୍ଲା ଏମଭି-୭ ୯ ଥାନା ଅଞ୍ଚଳରେ ପୁଲିସ ଚେକିଂ ସମୟରେ ପ୍ରାୟ ୩୫ ଲିଟର ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ତାଣ୍ଡାବାଇ ଗାଁର ଏରା ସୋଦ୍ଧି ନାମକ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଜିଲ୍ଲାର ସାଂସ୍କୃତିକ ଗଣପର୍ବ "ମାଲ୍ୟବନ୍ତ ମହୋତ୍ସବ" ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଜାନୁଆରୀ ୨୯ ତାରିଖରୁ ଫେବୃଆରୀ ୫ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏହା ସହ ଜିଲ୍ଲା ସୀମା ବାହାରୁ ମଦ ପ୍ରବେଶ, ସଂଗ୍ରହ ଓ ସରବରାହ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରାଯାଇଛି। ସୂଚନା ଅନୁଯାୟୀ ସୋମବାର ରାତିରେ ଏମଭି-୭ ୯ ଥାନା ଏସଆଇ ଚନ୍ଦନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ତାଣ୍ଡାବାଇ ଅଞ୍ଚଳରେ ଅବୈଧ ମଦ ବିକ୍ରି ସମ୍ବନ୍ଧୀୟ ଗୁପ୍ତ ସୂଚନା ପାଇ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ପାଖରୁ ୩୫ ଲିଟର ମଦ ଜବତ କରାଯାଇଥିଲା। ଏନେଇ ଏମଭି -୭ ୯ ଥାନା କେସ୍ ନମ୍ବର ୨୧/୨୬ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମିଟ୍ସରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ



ରାୟଗଡା, ୩।୨(ସମିସ): ମଝିଘରିଆଣୀ ଇନଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ), ରାୟଗଡାର ଏନଏସଏସ ୟୁନିଟ୍ ଏବଂ କୋଲନରା ବ୍ଲକ୍ ସ୍ୱାସ୍ଥ୍ୟ ଓ ଆୟୁଷ ବିଭାଗର ସହଯୋଗରେ ମଙ୍ଗଳବାର ଦିନ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନଟିସିପି ) ଅଧୀନରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀମାନଙ୍କୁ ତମାଖୁ ସେବନର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ତମାଖୁମୁକ୍ତ ଜୀବନଶୈଳୀ ଅବଲମ୍ବନ ପାଇଁ ପ୍ରେରିତ କରିବା। କୋଲନରା ବ୍ଲକ୍ ଆୟୁଷ୍ ବିଭାଗର ଚିକିତ୍ସାଧିକାରୀ ଡା.ସୌମ୍ୟ ରଞ୍ଜନ ନାୟକ ଓ ଡା. ଅଭିଜିତ ପଟ୍ଟନାୟକଙ୍କ ସହିତ ପିଏଚସି କୋଲନରା ବ୍ଲକ୍‌ର ସୁଭଶ୍ରୀ ଦାସ, ସବିତ୍ରୀ କୁମାରୀ ଦାଶ, ଅଞ୍ଜଳି ମହାନ୍ତି ଏବଂ ଖିରାବ୍ଦୀ ତନୟା ଦାଶ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ତମାଖୁ ବ୍ୟବହାରର ଶାରୀରିକ ଓ ମାନସିକ କୁପ୍ରଭାବ ବିଷୟରେ ସୂଚନାମୂଳକ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନଙ୍କୁ ସକ୍ରିୟ ଭାବେ ଯୋଗ ଦେବାକୁ ଉତ୍ସାହିତ କରିବା ପାଇଁ କୁଇଜ୍ ଓ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ବିଜେତାମାନଙ୍କୁ ଆୟୋଜକ ଦଳ ପକ୍ଷରୁ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ସି.ଭି. ଗୋପୀନାଥ, ନିର୍ଦ୍ଦେଶକ, ମିଟ୍ସ, ରାୟଗଡା, ପ୍ରୋଫେସର ରାମାନୁଜ ନାୟକ, ପ୍ରଧାନାଚାର୍ଯ୍ୟ, ଏବଂ ଡା. ଜ୍ଞାନରଞ୍ଜନ ସାହୁ, ଏନଏସଏସ ସମନ୍ୱୟକ ସହ ମିଟ୍ସର ଅନେକ ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ତମାଖୁମୁକ୍ତ କ୍ୟାମ୍ପସ ଓ ସମାଜ ଗଢ଼ିବା ପାଇଁ ଦୃଢ଼ ସନ୍ଦେଶ ଦିଆଯାଇଥିଲା, । ଯାହା ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଲକ୍ଷ୍ୟ ସହ ସମନ୍ୱୟ ରଖେ ବୋଲି ନିର୍ଦ୍ଦେଶକ ଶ୍ରୀ ଗୋପୀନାଥ ପ୍ରକାଶ କରିଥିଲେ।

## ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

ମାଥିଲି, ୩।୨ (ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତ୍ତନ ପାଲ୍ଲୀ ପଞ୍ଚାୟତ ସଦର ମହକୁମା ଠାରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀ ମାନଙ୍କର ଆଜି ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବର୍ଣ୍ଟନ କରାଯାଇଛି। ଏହି ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ଡାକ୍ତର ପ୍ରମୋଦ କୁମାର ସାହୁ ଓ ଫାର୍ମାସିଷ୍ଟ ଭୁଇଁଆ ବିଦ୍ୟାଳୟର ୪୨୬ ଜଣ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟ ଓ ରକ୍ତ ପରୀକ୍ଷା କରି ଆରବିଏସ କେ ତରଫରୁ ଔଷଧ ବର୍ଣ୍ଟନ କରିଥିଲେ। ଏହି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଯ୍ୟଧନ ପ୍ରଧାନ, ସହକାରୀ ଶିକ୍ଷକ ଏସ. ବିଘ୍ନରାଜ ରେଡ୍ଡୀ, ଅମରେନ୍ଦ୍ର କୁମାର ସେଠୀ, ଜଗନ୍ନାଥ ଦେଓ, ଦିଲ୍ଲୀପ କୁମାର ପଟେଲ, ବୁଦ୍ଧୁ ଦାଷା, ରଶ୍ମିତା ଧାରୁଆ, ପ୍ରଶାନ୍ତ କୁମାର ଖଟୁଆ, ସମରାଜିତ ସାହୁ, ବିପ୍ର ନାହାକ, ଶିବଲକ୍ଷ୍ମୀ ପଣ୍ଡା ଓ ନମିତା ସୁବୁଦ୍ଧିଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ନୂତନ ଥାନାଧିକାରୀଙ୍କ ଯୋଗଦାନ



ଉମରକୋଟ, ୩।୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧିକାରୀ ରମାକାନ୍ତ ସାଇଙ୍କୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ସେ ଗତବର୍ଷ ଫେବ୍ରୁଆରୀ୨୧ରେ ଉମରକୋଟ ଥାନାରେ ଯୋଗ ଦେଇଥିଲେ। ତାଙ୍କ ବଦଳି ହେବା ପରେ ଆଜି ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି ନୂତନ ଥାନା ଅଧିକାରୀ ବିପିନ କୁମାର ବାଘ। ଏଥି ପୂର୍ବରୁ ସେ ବରଗଡ଼ ଜିଲ୍ଲା ଅମ୍ବାବନା ଥାନାରେ ପ୍ରାୟ ଦୁଇ ବର୍ଷ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ସହରରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଟ୍ରାଫିକ ସମସ୍ୟା, ଚୋରିକୁ କିପରି ରୋକାଯିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି କହିଛନ୍ତି ନୂତନ ଥାନା ଅଧିକାରୀ।

# ଭିନ୍ନକ୍ଷମଙ୍କ ମଧ୍ୟରେ ପ୍ରତିଯୋଗିତା



କୁନ୍ଦୁରା, ୩।୨ (ସମିସ): କୁନ୍ଦୁରା ବ୍ଲକ ମହକୁମା ସ୍ଥିତ ଶାସ୍ତ୍ରୀ ମୈଦାନ ଠାରେ ଭିନ୍ନକ୍ଷମଙ୍କ ପାଇଁ ଖେଳକୁଦ, ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଡିଓ ପି ମନସ୍ମିତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୁପୁ ଭତ୍ରା ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ଉପାଧ୍ୟକ୍ଷ ତରୁଣୀସେନ ବିଶୋଇ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ,ଏମ୍‌ପି ପ୍ରତିନିଧି ଅମ୍ମ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗକୁ ନେଇ ୪୦ ପ୍ରକାର ଖେଳକୁଦ ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରୁ ୮୫ ଜଣ ଭିନ୍ନକ୍ଷମ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବ୍ଲକରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷ, ବ୍ଲକ ଉପାଧ୍ୟକ୍ଷ,ଜିଲ୍ଲା ପରିଷଦ ସଭ୍ୟା, ସାଂସଦ ପ୍ରତିନିଧି, ବିଧାୟକ ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ। ଅଥିତି ମାନେ ପ୍ରତି ବିଭାଗର ଶ୍ରେଷ୍ଠ ୩ ଜଣ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ୨ଜଣ ଭିନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଶେଷରେ ବିଡିଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଜିଟାଲ ଏକ୍ସରେ ଯକ୍ଷ୍ମା ରୋଗ ଚିହ୍ନଟ କାର୍ଯ୍ୟକ୍ରମ



କୋରୁକୋଣ୍ଡା,୩।୨(ସମିସ): ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ ଡିଜିଟାଲ ଏକ୍ସରେ ଯକ୍ଷ୍ମା ରୋଗ ଚିହ୍ନଟ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଛି। ଦକ୍ଷିଣ ଓଡିଶାରେ ମାଲକାନଗିରି ଜିଲ୍ଲାରେ ଏହା ପ୍ରଥମ ହୋଇଥିବା ବେଳେ ଜିଲ୍ଲାର କୋରୁକୋଣ୍ଡା ବ୍ଲକର ଏମ୍ଭି ୩୭ ଗ୍ରାମରେ ଏହାର ଆରମ୍ଭ କରାଯାଇଛି। ଏହି ସେବା ଜିଲ୍ଲାର ସମସ୍ତ ଗ୍ରାମରେ ପହଞ୍ଚି ଯକ୍ଷ୍ମା ରୋଗ ଚିହ୍ନଟ କରାଯିବ। ଏହା ସମ୍ପୂର୍ଣ ଏଆଇ ସହ ଜଡିତ ହୋଇଥିବା ବେଳେ ଏହା ଲୋକଙ୍କ ମଧ୍ୟରେ ଏହି ରୋଗ ଥିଲେ ଅତି ସହଜରେ ଏହାକୁ ଚିହ୍ନଟ କରି ପାରିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ସିଡିଏମଓ ପିଏଚଓ ଡ ଦୋଳମଣି ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ତାଙ୍କ ସହ ଡ. ଦିବାକର ମାଝି, ଡ. ମୌସୁମୀ ମିଶ୍ର, ଡ. ପ୍ରୀତମ ସାହା, ଡ. ଦୂର୍ଗା ପ୍ରସାଦ ରାଜ, ଡ. ପ୍ରଣବିକା ସିଂ, ବାବୁଜୀ ଖରା ଓ ସମସ୍ତ ଏନଟିଇଏଫ ଏବଂ ବ୍ଲକ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଯୋଗଦେଇ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନୋରଞ୍ଜନ ପରିଡା ପରିଚଳନା କରିଥିଲେ। ଏହି କାର୍ଯ୍ୟକ୍ରମ ୧୦୦ ଦିନିଆ ଯକ୍ଷ୍ମା ଚିହ୍ନଟ କ୍ୟାମ୍ପ୍ ଭାବେ କାର୍ଯ୍ୟ କରି ଜିଲ୍ଲାର ସମସ୍ତ ଗ୍ରାମକୁ ଯିବ ବୋଲି ଅଧିକାରୀ ମାନେ ପ୍ରକାଶ କରିଛନ୍ତି।

# ପଦ୍ମପୁର ବ୍ଲକ୍‌ରେ ସଂପୂର୍ଣ୍ଣତା ଅଭିଯାନର ସଫଳତା

ପଦ୍ମପୁର,୩।୨(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆଜି ସଂପୂର୍ଣ୍ଣତା ଅଭିଯାନ ସଂପର୍କୀତ ଆକାଂକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ, ବ୍ଲକ୍ ଅଧକ୍ଷା ମଣିମାଳା ଶବର, ଉପାଧକ୍ଷ ରମେଶ ଚନ୍ଦ୍ର



ସାହୁ, ବିଧାୟକ ପ୍ରତିନିଧି ରମାକାନ୍ତ ମାଝୀ, ସାଂସଦ ପ୍ରତିନିଧି ଏମ୍ ସୁରେଶ , ଆର ଜି କଲେଜ ଅଧକ୍ଷ ଅଶୋକ ଦାଶ ଓ ବ୍ଲକ୍ ଆକାଂକ୍ଷା ଅଧିକାରୀ ସୀମା ବାରିକ୍, ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଯୋଗାଣ ଅଧିକାରୀ ଅମର ଶବର, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗୀରି, ପଞ୍ଚାୟତ ଅଧିକାରୀ ଗୈରାଙ୍ଗ କାଦମ୍ବଲୁ, ସମନ୍ୱିତ ଶିଶୁ ବିକାଶ ଅବକାରୀ, ମିଶନ୍ ଶକ୍ତି ବ୍ଲକ କୋର୍ଡିନେଟର ସୁକାନ୍ତ ପାଢ଼ୀ, ଜଗନ୍ ମହନ ପଣ୍ଡା ପ୍ରମୁଖ ବ୍ଲକ୍ ପରିସରରେ ଖୋଲାଯାଇଥିବା ଶିକ୍ଷା, ସ୍ୱାସ୍ଥ୍ୟ, ବିଭିନ୍ନ ଷ୍ଟଲ ଗୁଡିକୁ ଉଦ୍‌ଘାଟନ କରିଥିଲେ। ପରେ ଏକ ବୈଠକରେ ଏହି ଆକାଂକ୍ଷା କାର୍ଯ୍ୟକ୍ରମ ସମଗ୍ର ଦେଶରେ ୧୧୨ଟି ଜିଲ୍ଲା ଓ ୫୧୩ଟି ବ୍ଲକ୍‌କୁ ଅନ୍ତର୍ଭୁକ୍ତ କରି ଅନୁନ୍ନତ ଅଞ୍ଚଳ ଗୁଡ଼ିକର ବିକାଶ ପାଇଁ ଏହି ଅଭିଯାନରେ ସ୍ୱାସ୍ଥ୍ୟ, ପୃଷ୍ଟି ସାଧନ, ଶିକ୍ଷା, କୃଷି ଓ ସାମାଜିକ ବିକାଶ କ୍ଷେତ୍ରର ଛଅଟି ଚୟନିତ ସୂଚକାଙ୍କ ଉପରେ ଧ୍ୟାନ ଦିଆଯାଇଥିଲା। ଏହି ସଫଳତାର ଉଲ୍ଲେଖନୀୟ ଅବଦାନ ପାଇଁ ସ୍ଥାନୀୟ ନାଗରିକ, ସ୍ୱୟଂସହାୟକ ଗୋଷ୍ଠୀ, ଆଗଧାଡିର କର୍ମୀ ମାନଙ୍କ ସକ୍ରିୟ ଅଂଶୀଦାର କରି ଜନଭାଗିଦାର ଉପରେ ଫୋକସ୍ କରାଯାଇଥିଲା। ବିଶେଷ କରି ଗର୍ଭାବସ୍ଥାରେ ପଞ୍ଜୀକରଣ, ୯ରୁ୧୧ମାସ ମଧ୍ୟରେ ଶିଶୁର ଟିକା କରଣ, ରକ୍ତଚାପ ଓ ମଧୁମେହ ରୋଗୀଙ୍କ ଚିହ୍ନଟ ହାର ବୃଦ୍ଧି, ବିଦ୍ୟାଳୟ ପାଠ୍ୟପୁସ୍ତକର ବର୍ଣ୍ଟନ, ମୃତ୍ତିକା ସ୍ୱସ୍ଥ୍ୟ କାର୍ଡ ଭଳି ନିର୍ଦିଷ୍ଟ ସଫଳତା ହାସଲ ପାଇଁ ଏହି ପଦ୍ମପୁର ବ୍ଲକ୍ ଲୋକପ୍ରିୟତା ହାସଲ କରିପାରିଛି ବୋଲି ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡ଼ି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରଶାସନ ଅଧିକାରୀ ଓ ବହୁ ଲୋକପ୍ରତିନିଧି, ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ।

## ମାଲ୍ୟବନ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟା

# ମନମୋହିଲେ କୁଲଦୀପ ଓ ଶାଶ୍ୱତ



## ସ୍ଥାନୀୟ ପ୍ରତିଭା ମଧ୍ୟ ଲୋକଙ୍କୁ କଲେ ଉତ୍ସାହିତ

ମାଲକାନଗିରି ,୩।୨ (ସମିସ): ମାଲ୍ୟବନ୍ତ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଗାୟକ କୁଲଦୀପ ପଟ୍ଟନାୟକଙ୍କ ଗୀତ ଓ ଓଡିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀଙ୍କ ନୃତ୍ୟରେ ଝୁମିଲେ ଦର୍ଶକ। ମାଲକାନଗିରି ଜିଲ୍ଲାର ଲୋକ ଉତ୍ସବ ମାଲ୍ୟବନ୍ତ ଆଜି ତୃତୀୟ ସନ୍ଧ୍ୟାରେ ପହଞ୍ଚିଛି। ଓଲିଉଡ଼ ଗାୟକ ଓ ଗାୟିକାଙ୍କ ସୁମଧୁର ଗୀତ ଏବଂ ଓଡ଼ିଶୀ ନୃତ୍ୟ ସହ ବିହୁ, ରାଜସ୍ଥାନର ଘୁମୁର ନୃତ୍ୟ, ମାଲକାନଗିରି କଳାକାରଙ୍କ ନୃତ୍ୟ ଶୀତୁଆ ସଂଧ୍ୟାରେ ଦର୍ଶକଙ୍କୁ ବିଭୋର କରିଥିଲା। ତୃତୀୟ ସନ୍ଧ୍ୟାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ମାନେ ମଞ୍ଚାସୀନ ଥିଲେ। ଜିଲ୍ଲାସଂସ୍କୃତି ଅଧିକାରୀ ସଂନ୍ତାସ ନାରାୟଣ ପାଣ୍ଡା ଓ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ। ଅତିଥି ମାନେ କଳାକାରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଲ୍ଲୀଶ୍ରୀ ମେଳା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ମାଲ୍ୟବନ୍ତ ମଣ୍ଡପ ସହିତ ଜିଲ୍ଲାରେ କଡ଼ା ପୁଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଏସଏଫ ଜବାନ ମାନଙ୍କ ସହିତ ଏସଓଜି ଓ ବହୁପରିମାଣରେ ଜିଲ୍ଲା ପୁଲିସଙ୍କୁ ମୁତୟନ କରାଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

